ପ୍ରେସ୍ ନୋଟ୍

# ଆଜି ଅନୁଗୋଳ ଜିଲ୍ଲାରୁ ୧୬ ଜଣ କରୋନା ପଜିଟିଭ ଚିହ୍ନଟ ।

ପଜିଟିଭ ସଂଖ୍ୟା ୪୮୨୯୪ରେ ପହଞ୍ଚିଲା -ସୁସ୍ଥ ହେଲେ ୭୧ଜଣ ।

ଅନୁଗୋଳ,ତା.୧୬.୦୨:- ଆଜି ଅନୁଗୋଳ ଜିଲ୍ଲାରେ ୧୬ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୫ଜଣ( ୩ଜଣ ପୁରୁଷ ଓ ୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୪ଜଣ (୨ଜଣ ପୁରୁଷ ଓ ୨ଜଣ ମହିଳା),କିଶୋରନଗର ବ୍ଲକ୍ ଅଂଚଳରୁ ୪ଜଣ ( ୩ଜଣ ପୁରୁଷ ଓ ୧ଜଣ ମହିଳା), ବଣ୍ଟଁରପାଳ ବ୍ଲକ୍ ଅଂଚଳରୁ ୧ଜଣ (୧ ଜଣ ପୁରୁଷ), ତାଳଚେର ବ୍ଲକ୍ ଅଂଚଳରୁ୧ ଜଣ ( ୧ଜଣ ପୁରୁଷ ) ଓ କଣିହାଁ ବ୍ଲକ୍ଅଂଚଳରୁ୧ ଜଣ ( ୧ଜଣ ପୁରୁଷ ) ଅଛନ୍ତି । ଲକ୍ଷଣଯୁକ୍ତ ଆକ୍ରାନ୍ତଂକୁ ନିଜ ଘରେ Isolation ରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୪୧୩ଜଣ ମୃତ୍ୟୁବରଣ କଲେଣି । ଆଜି ଅନୁଗୋଳ ଜିଲ୍ଲାରୁ ୭୧ଜଣ ସୁସ୍ଥ ହୋଇଛନ୍ତି । ଆଜି ସୁଦ୍ଧା ୧୬ଲକ୍ଷ ୯୪ହଜାର ୨୭୮ ଜଣଙ୍କୁ ଟିକା ଦିଆଗଲାଣି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା ୧୨୦ ତା. ୧୬.୦୨.୨୦୨୨ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

16/2/2022

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ